
# ଦାରୁବ୍ରହ୍ମଙ୍କ ନବକଳେବର ବିଧି



ଡକ୍ଟର ସର୍ବେଶ୍ୱର ସେଣ

'କୋଟି ବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ' ଦାରୁମୂର୍ତ୍ତି ରୂପେ ରୂପାୟିତ । ଏଣୁ ସେ ଦାରୁ ଦେବତା। ପୁଣ୍ୟ ନୀଳାଚଳ ଧାମରେ ସେ ଉପାସିତ ହୋଇ ଆସୁଛନ୍ତି ଏହି ରୂପରେ କେଉଁ ଆବହମାନ କାଳରୁ। ଭାରତର ହିମାଳୟଠାରୁ କୁମାରିକା ଯାଏ ଅନ୍ୟ କୌଣସି ବିଷ୍ଣୁ ମନ୍ଦିରରେ ଦାରୁମୂର୍ତ୍ତି ପୂଜିତ ହେଉଥିବାର ଦୃଷ୍ଟାନ୍ତ ନାହିଁ। ଏ ପରିପ୍ରେକ୍ଷୀରେ ଦାରୁଦେବତା କହିଲେ ଉତ୍କଳାଧୀଶ୍ୱର ଶ୍ରୀଜଗନ୍ନାଥଙ୍କୁ ହିଁ ବୁଝାଏ।

ଆଦିମ ଗ୍ରନ୍ଥ ଋଗ୍‌ବେଦରେ ଦାରୁ ଶବ୍ଦର ଉଲ୍ଲେଖ ରହିଛି। ଏହାର ଦଶମ ମଣ୍ଡଳ ଦ୍ୱାଦଶ ସୂକ୍ତରେ ବର୍ଣ୍ଣିତ ଅଛି, 'ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋପାରେ ଅପୌରୁଷମ୍ / ତଦା ରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍' ଅର୍ଥାତ୍ ଏବେ ଯେଉଁ ଅପୁରୁଷେୟ (କୌଣସି ପୁରୁଷ ବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିର୍ମିତ ହୋଇ ନଥିବା) ଦାରୁ ସମୁଦ୍ର ଆରକୂଳରେ ଭାସୁଅଛି ତାଙ୍କୁ ଆରାଧନା କରି ଆରପ୍ତରକୁ ଯାଅ । ଏହି ଦାରୁଙ୍କୁ ଆରାଧନା କଲେ ମୋକ୍ଷପ୍ରାପ୍ତି ବା ସଦ୍‌ଗତି ହୁଏ – ଏ ପ୍ରକାର ଚିନ୍ତନଟି ବୈଦିକ ଯୁଗରୁ ପ୍ରଚଳିତ ହୋଇ ଆସୁଛି। ମାତ୍ର ଋଗ୍‌ବେଦରେ ଶ୍ରୀବିଷ୍ଣୁଙ୍କ ପ୍ରାଧାନ୍ୟ ପରିଲକ୍ଷିତ ହୁଏ ନାହିଁ। ବେଦ ସୃଷ୍ଟିର ବହୁ ପରେ ଭାଗବତ ଧର୍ମର ଉଦ୍ଭବ ଏଥିରେ ଶ୍ରୀକୃଷ୍ଣଙ୍କୁ ଗୁରୁତ୍ୱ ଦିଆଯାଇଛି। ପରବର୍ତ୍ତୀ କାଳରେ ଦାରୁରୂପୀ ଶ୍ରୀଜଗନ୍ନାଥ, ଶ୍ରୀବିଷ୍ଣୁ, ଶ୍ରୀକୃଷ୍ଣ – ଏହି ତ୍ରିଦେବତା ଏକ ତଥା ଅଭିନ୍ନ ଭାବେ ପରିକଳ୍ପିତ। ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ପରିବ୍ରାଜକାଚାର୍ଯ୍ୟ ଭଗବାନ ଶଙ୍କରାଚାର୍ଯ୍ୟ ଚାରିଧାମ ମଧ୍ୟରେ ଜଗନ୍ନାଥ ଧାମକୁ ପ୍ରାଧାନ୍ୟ ଦେଇଛନ୍ତି। ସେ ଶ୍ରୀଜଗନ୍ନାଥଙ୍କୁ 'ଆଭାରୀ–ନାରୀ–ବଦନ–କମଳସ୍ୱାଦ–ମଧୁପ', 'ରସାନନ୍ଦ', ରାଧାସରସ – ବପୁରାଲିଙ୍ଗନ ସୁଖ ରୂପେ ବର୍ଣ୍ଣନା କରି ଶ୍ରୀକୃଷ୍ଣ ଜଗନ୍ନାଥଙ୍କୁ ଏକ ତଥା ଅଭିନ୍ନ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ପ୍ରସଙ୍ଗଟି ଜଗନ୍ନାଥାଷ୍ଟକରେ ବର୍ଣ୍ଣିତ। ଅନୁରୂପ ଭାବେ ଦାରୁବ୍ରହ୍ମଙ୍କୁ ସର୍ବସଂପ୍ରଦାୟ, ସର୍ବଦର୍ଶନ, ସକଳ ଚିନ୍ତାର ଆଧାରିତ ମୂର୍ତ୍ତି ବୋଲି ପରିଚିତ କରାଇବାକୁ ବୈଷ୍ଣବାଚାର୍ଯ୍ୟମାନେ ମଧ୍ୟ ଦ୍ୱିଧା ପ୍ରକାଶ କରିନାହାନ୍ତି ।

ଲୀଳାମୟ ସେ ଦାରୁବ୍ରହ୍ମ । ତାଙ୍କୁ କେନ୍ଦ୍ରକରି ଉତ୍କଳୀୟ ଧର୍ମ, ଦର୍ଶନ, ସଂସ୍କୃତି ଗଢ଼ିଉଠିଛି । ଯିଏ ତାଙ୍କୁ ଯେଉଁ ନାମରେ ଡାକୁ ପଛକେ ସେ କିନ୍ତୁ ଓଡ଼ିଆର ଗେହ୍ଲାପୁଅ । ତା' ଆଖିରେ ସେଇ ନୀଳାଚଳିଆ ସୌମ୍ୟକାନ୍ତିଧାରୀ ମଦନମୋହନ ନୁହନ୍ତି – କାଳିଆ ଦିଅଁ, ପଦ୍ମଲୋଚନ ନୁହନ୍ତି– ଚକାଡୋଳା, ଚତୁର୍ଭୁଜ ନୁହନ୍ତି– ମହାବାହୁ। ଏମିତି କେତେ ଆପଣାର ନାଁରେ ତାଙ୍କୁ ଡାକନ୍ତି ଉତ୍କଳବାସୀ। ସେଇ କରୁଣାମୟଙ୍କୁ ନେଇ ବହୁ ପୁରାଣ, ଶାସ୍ତ୍ର, ଲୋକକଥା, କିମ୍ବଦନ୍ତୀ ରୁନ୍ଧିମନ୍ତ। 'କପିଳ ସଂହିତା', 'ବ୍ରହ୍ମ ପୁରାଣ', 'ସ୍କନ୍ଦ ପୁରାଣ', ମାଦଳାପାଞ୍ଜି, ସାରଳା ମହାଭାରତ ଆଦି ବହୁ ପ୍ରାଚୀନ କୃତିରେ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧରେ ସବିଶେଷ ତଥ୍ୟ

ଉଲ୍ଲେଖ ରହିଛି । ସେହିପରି 'ତନ୍ତ୍ରଯାମଳ' ଗ୍ରନ୍ଥରେ ବର୍ଣ୍ଣିତ ଅଛି, ଭାରତେ ଚୋତ୍କଳ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ / ଦାରୁରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦଃ । ସେହି ଭକ୍ତଜନ ବାନ୍ଧବ ଦାରୁବ୍ରହ୍ମ ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରି ଅଭୟ ପ୍ରଦାନ କରନ୍ତି । ତାଙ୍କରି ମୂର୍ତ୍ତି କେବଳ ଦାରୁ ବା ନିମ୍ବକାଷ୍ଠରେ ନିର୍ମାଣ କରାଯାଏ । ତନ୍ମଧ୍ୟରେ ବ୍ରହ୍ମଙ୍କର ସଂସ୍ଥାନ ହେତୁ ସେ ଦାରୁବ୍ରହ୍ମ ।

ବ୍ରହ୍ମ ହିଁ ସକଳ ଶକ୍ତିର ଉତ୍ସ । ସେ ହସ୍ତପଦ ହୀନ (ଅପାଣିପାଦ), ଚକ୍ଷୁହୀନ (ଅଚକ୍ଷୁ), କର୍ଣ୍ଣହୀନ (ଅକର୍ଣ୍ଣ) ହେଲେ ହେଁ ସାରା ବିଶ୍ୱକୁ ତେଜ, ଶକ୍ତି ପ୍ରଦାନ କରନ୍ତି ଅପଲକ ନୟନରେ ସମସ୍ତଙ୍କୁ ଦେଖନ୍ତି, ସମସ୍ତଙ୍କ ଆକୁଳ, ବିକଳ ନିବେଦନ ଶୁଣନ୍ତି । ଏଣୁ ଉପନିଷଦରେ ବର୍ଣ୍ଣିତ ହୋଇଛି, ଅପାଣି ପାଦ ଯବନ ଗ୍ରହୀତା / ପଶ୍ୟତା ଚକ୍ଷୁଃ ସ ଶୃଣୋତ୍ୱକର୍ଣ୍ଣଃ/ ସ ବେତ୍ତି ବେଦ୍ୟ ନତ୍ୟାସ୍ତି ବେତ୍ତା / ତମାହୁରଗ୍ୟଂ ପୁରୁଷଂ ପୁରାଣମ୍ । (ଶ୍ୱେତାଶ୍ୱେତର ଉପନିଷଦ୍ ୩, ୧୬) ଉପନିଷଦୀୟ ବ୍ରହ୍ମଙ୍କ ଏତାଦୃଶ ବର୍ଣ୍ଣନା ପରି ଜଗନ୍ନାଥଙ୍କ ବିଗ୍ରହ ନିର୍ମାଣର ସାମଞ୍ଜସ୍ୟ ରହିଛି । ଶ୍ରୀମଦ୍ଭଗବଦ୍ ଗୀତା (୧୨/୧୩)ରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ କହିଛନ୍ତି ସର୍ବଭୂତ ହିତରତ ବ୍ୟକ୍ତିମାନେ ଶେଷରେ ତାଙ୍କୁ (ଶ୍ରୀକୃଷ୍ଣଙ୍କୁ) ପ୍ରାପ୍ତ ହୁଅନ୍ତି । ଏହି ପୁଣ୍ୟ ଗ୍ରନ୍ଥରେ ପୁରୁଷୋତ୍ତମ ରୂପୀ ଶ୍ରୀଜଗନ୍ନାଥଙ୍କ ଉପାସନା କଥା ସୂଚିତ । ଗୋଟେ କଥାରେ କହିଲେ ଦାରୁବ୍ରହ୍ମ ସତ୍ୟ, ସନାତନ, ସଗୁଣ, ନିର୍ଗୁଣ, ଆଦି ଅନାଦି, କ୍ଷର ଅକ୍ଷର, ସାକାର ନିରାକାର । ସେ ସ୍ୱୟଂ ଅବତାରୀ କଚ୍ଛପ, ମତ୍ସ୍ୟାଦି ଅବତାରମାନଙ୍କର ଜନକ । ତାଙ୍କୁ ନିଜ ଧର୍ମର କହି ବିଭିନ୍ନ ଧର୍ମାବଲମ୍ବୀମାନେ ସ୍ୱ ସ୍ୱ ମତ ଉପସ୍ଥାପନ କରିଛନ୍ତି । ଶ୍ରୀକ୍ଷେତ୍ରରେ ମଧ୍ୟ ନାନା ଧର୍ମର ପ୍ଲାବନ ଘଟିଛି ମାତ୍ର ଜଗନ୍ନାଥ ଧର୍ମ ସଂସ୍କୃତିର ମୌଳିକତା ସବୁ ସମୟରେ ଅତୁଟ ରହିଛି । ସର୍ବଧର୍ମ ସମନ୍ୱୟ ପୀଠ ଭାବେ ନୀଳାଚଳ ଧାମ ବିଶ୍ୱ ବିଦିତ । ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର ଆଦି ବର୍ଣ୍ଣ ବିଚାର ନାହିଁ, ସେଠାରେ ଆଚଣ୍ଡାଳ ବ୍ରାହ୍ମଣ ସମସ୍ତେ ଏକ, ଅଭିନ୍ନ । ତାଙ୍କୁ ବା କିଏ ନିଜ ଧର୍ମୀୟ ମତବାଦ ମଧ୍ୟରେ ବାନ୍ଧି ରଖିଛି ନା ରଖିପାରିବା ସମ୍ଭବ !

'ଦାରୁଦେବତା'ଙ୍କୁ ଶବର ଦେବତା କହିବା ଯଥାର୍ଥ ମାତ୍ର କେତେକ ଗବେଷକ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ବୌଦ୍ଧ ତ୍ରିରତ୍ନ (ବୁଦ୍ଧୋ, ଧର୍ମୋ, ସଂଘୋ) ସହିତ ସମ୍ବନ୍ଧିତ କରିଥାନ୍ତି । ପୁରାତନ ପାଲି ସାହିତ୍ୟ, ତନ୍ତ୍ର ସାହିତ୍ୟରେ ବୁଦ୍ଧଙ୍କ ଅନ୍ୟନାମ ଜଗନ୍ନାଥ ବୋଲି ଉଲ୍ଲେଖ ଅଛି । ରଥଯାତ୍ରା ସମୟରେ ବୁଦ୍ଧ-ପୂଜାର ସ୍ୱତନ୍ତ୍ର ବିଧି ରହିଛି । ଶ୍ରୀବିଷ୍ଣୁଙ୍କ ଦଶାବତାର ମଧ୍ୟରୁ ବୁଦ୍ଧାବତାର ମଧ୍ୟ ଅନ୍ୟତମ । ଏସବୁକୁ ଦୃଷ୍ଟିରେ ରଖି ସେମାନେ ଏ ପ୍ରକାର ମତବ୍ୟକ୍ତ କରନ୍ତି । ଉପନିଷଦ ଯୁକ୍ତ ତ୍ରିବର୍ଣ୍ଣ ଓଁ (ଅ-ଉ-ମ) ଭାବେ ତ୍ରିମୂର୍ତ୍ତିଙ୍କୁ ଗ୍ରହଣ କରି ଶ୍ରୀଜଗନ୍ନାଥଙ୍କୁ ମଧ୍ୟ ବ୍ରାହ୍ମଣ୍ୟ ଧର୍ମର ବୋଲି ସାବ୍ୟସ୍ତ କରାଯାଇଛି । ଜୈନ, ଶାକ୍ତ, ଶୈବ ଧର୍ମାବଲମ୍ବୀମାନେ ତାଙ୍କୁ ନିଜର ଦେବତା ଭାବେ ପ୍ରତିପାଦିତ କରିଥାନ୍ତି । ଏମିତି କେତେକେତେ ମତ ଜଗନ୍ନାଥଙ୍କୁ ନେଇ ସେ ଯେ ଏହାର ବହୁ ଊର୍ଦ୍ଧ୍ୱରେ ଏକଥା ଅନସ୍ୱୀକାର୍ଯ୍ୟ । ଚେଦୀରାଜା ବା ମହାମେଘବାହାନ ଐର ଖାରବେଳଙ୍କୁ ଇନ୍ଦ୍ରଦ୍ୟୁମ୍ନ କହି ସେ ମଗଧରୁ ଆଣି ଶ୍ରୀମନ୍ଦିରରେ ସ୍ଥାପନ କରିଥିବା 'ଜିନାସନ' ଏବେ ରତ୍ନବେଦୀ ବୋଲି କେହି କେହି ମତ ଦିଅନ୍ତି । ପୁନଶ୍ଚ ସେ ଜଣେ ଶବର ଥିଲେ ଏ ପ୍ରକାର ମତ ମଧ୍ୟ ପ୍ରଦାନ କରିଛନ୍ତି । ଏହା ପଶ୍ଚାତରେ ସତ୍ୟାସତ୍ୟ ଯାହା ଥାଉନା କାହିଁକି ଏହି ମତରେ ଜଗନ୍ନାଥଙ୍କୁ ଶବରମାନେ ଉପାସନା କରୁଥିବା ସ୍ୱୀକାର କରାଯାଇଛି ।

ଆଦିମ କାଳରୁ ନୀଳଗିରିରେ ଶ୍ରୀନାରାୟଣ ପୂଜା ପ୍ରଚଳିତ ଥିଲା । ନୀଳକନ୍ଦରରେ ବିଶ୍ୱାବସୁ ଶବର ନୀଳମାଧବଙ୍କୁ ପୂଜା କରିଥିବା ମଧ୍ୟ କିମ୍ବଦନ୍ତୀ ସ୍ୱୀକୃତ । ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶବର ଦେବତା କହିବାର ପଛରେ ବଳିଷ୍ଠ ଯୁକ୍ତିମାନ ରହିଛି । ଜଗନ୍ନାଥ ସେବାରେ ଦଇତାପତି ନିଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ସେବା ବିଶେଷକରି ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଚତୁର୍ଦ୍ଧାମୂର୍ତ୍ତିଙ୍କର ସେବା ଏମାନଙ୍କ ଉପରେ ନ୍ୟସ୍ତ । ଏମାନେ ମଧ୍ୟ ନିଜକୁ ଆଦିମ ଶବର ବଂଶଧର ବୋଲି ପରିଚୟ ଦିଅନ୍ତି । ଏତଦ୍‌ଭିନ୍ନ ଜଗନ୍ନାଥଙ୍କ ଶାବରତ୍ୱର ଏକ ବଳିଷ୍ଠ ପ୍ରମାଣ ରହିଛି । ଜଗନ୍ନାଥ ଶବ୍ଦଟିର ମୂଳ ଉତ୍ସ ନା ପାଲି ନା ସଂସ୍କୃତ । ଶବର ଭାଷା 'ଜଗନ୍ତା' ସଂସ୍କୃତରେ ଜଗନ୍ନାଥ ଭାବେ ଗୃହୀତ । ଏ ସବୁ ତଥ୍ୟ ଜଗନ୍ନାଥଙ୍କୁ ଶବର ଦେବତା ଭାବେ ଉପସ୍ଥାପନ କରିବାରେ ସହାୟକ ହୋଇଛି । ଆଦିବାସୀ ଭାଷାରେ ତାଙ୍କରି ନାମ ପରିଦୃଷ୍ଟ ଯେମିତି ସଉରା-ଜଗନ୍ତା, କୋୟା-ଜଗାରାଜୁ, କନ୍ଧ-ଜଗାୟା, ଗଦବା-ଜଗତା ଇତ୍ୟାଦି । ସେହି ଦାରୁ ଉପାସନାର ମୂଳାଧାର ହେଉଛି ଶବରମାନଙ୍କର ବୃକ୍ଷ ପୂଜା ବା ଦାରୁ ପୂଜା । ମାଳବରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଶ୍ରୀମନ୍ଦିର ନିର୍ମାଣ ତଥା ଦିଅଁମାନଙ୍କ ପ୍ରତିଷ୍ଠା ସମ୍ପର୍କିତ କିମ୍ବଦନ୍ତୀରେ ବିଶ୍ୱାବସୁ ଶବର 'ନୀଳମାଧବ'ଙ୍କୁ ପୂଜା କରୁଥିବା କୁହାଯାଇଛି । ବିଦ୍ୟାପତି ବ୍ରାହ୍ମଣ ଶବର କନ୍ୟା ଲଳିତାଙ୍କୁ ବିବାହ କରି ନୀଳମାଧବଙ୍କ ଦର୍ଶନ ପାଇବାର ସୌଭାଗ୍ୟ ଅର୍ଜନ କଲେ । ତାଙ୍କୁ ସେଠାରୁ ଗୋପନରେ ଆଣିବାର ପ୍ରୟାସ କରିବା,

ନୀଳମାଧବ ଅନ୍ତର୍ଦ୍ଧାନ ହେବା, ବିଷ୍ଣୁଚିହ୍ନ ଯୁକ୍ତ ଦାରୁ ରୂପେ ବାଙ୍କି ମୁହାଣରେ ଭାସିବା, ରାଜା ସ୍ୱପ୍ନାଦିଷ୍ଟ ହୋଇ ସେହି ଦାରୁ ସଂଗ୍ରହ କରି ମୂର୍ତ୍ତି ନିର୍ମାଣ କରିବା ଆଦି ପ୍ରସଙ୍ଗ ଏହି ଆଖ୍ୟାୟିକାର ଅଂଶବିଶେଷ। ମହାପ୍ରଭୁ ଆଉ ଶବର ହସ୍ତରୁ ଫଳମୂଳ ନୁହେଁ ବରଂ ଦାରୁ ଦେବତା ରୂପେ ପିଷ୍ଟକ, ପଣା, ଅନ୍ନପ୍ରସାଦ ପାଇଁ ସ୍ୱୟଂ ଇଚ୍ଛା ପ୍ରକଟ କରିଛନ୍ତି– ଏହା ମଧ୍ୟ ସେଇ କିମ୍ବଦନ୍ତୀରେ ବର୍ଣ୍ଣିତ। ସମ୍ପ୍ରତି ସେ ଦାରୁ ଦେବତା, ଦାରୁବ୍ରହ୍ମ ରୂପେ ବିରାଜିତ ଶ୍ରୀମନ୍ଦିରରେ।

ଚତୁର୍ଦ୍ଧା ମୂର୍ତ୍ତି ଦାରୁ ବା ନିମ୍ବକାଷ୍ଠରେ ନିର୍ମିତ ବିଭିନ୍ନ ଧର୍ମ ଶାସ୍ତ୍ରରେ ପିପ୍ପଳ ବା ଅଶ୍ୱତ୍ଥ ବୃକ୍ଷକୁ ପବିତ୍ର ବୃକ୍ଷ ଭାବେ ଗ୍ରହଣ କରାଯାଇଥାଏ। ଗୌତମ ବୁଦ୍ଧଙ୍କ ବୁଦ୍ଧତ୍ୱ ପ୍ରାପ୍ତି ବୋଧିଦ୍ରୁମ (ଅଶ୍ୱତ୍ଥ) ବୃକ୍ଷ ମୂଳରେ ହୋଇଥିଲା। ନିଜେ ଶ୍ରୀକୃଷ୍ଣ ମଧ୍ୟ ଦେହତ୍ୟାଗ କରିଥିଲେ ଏହି ବୃକ୍ଷମୂଳରେ। ଅଶ୍ୱତ୍ଥ ବୃକ୍ଷ ଉପାସନା ଶବରମାନଙ୍କର ମଧ୍ୟ ନିଜସ୍ୱ। ସମ୍ଭବତଃ ଶ୍ରୀବିଗ୍ରହମାନଙ୍କର ପ୍ରତିମା ଏହି ବୃକ୍ଷରେ ନିର୍ମିତ ହେଉଥିଲା। ଦାରୁ ଉପାସନାକୁ ବୌଦ୍ଧଧର୍ମୀ, ବିଷ୍ଣୁଧର୍ମୀ, ଶୈବଧର୍ମୀ, ତାମ୍ରଧର୍ମୀ ସମ୍ପ୍ରଦାୟ ଯଦ୍‌ପରନାସ୍ତି ଗ୍ରହଣ କରିବାକୁ ମଧ୍ୟ ଚେଷ୍ଟିତ। ପ୍ରାଚୀନ କାଳରୁ ଅଷ୍ଟିକ୍ ଶବର ଗୋଷ୍ଠୀର 'ଦାରୁ'କୁ ବ୍ରହ୍ମଭାବେ ନିଜର କରିଛନ୍ତି ବୈଦିକ ଆର୍ଯ୍ୟମାନେ। ଋଗ୍‌ବେଦ କାଳରୁ ସେମାନେ ଏହା ମନରେ ପୋଷଣ କରି ଆସୁଥିଲେ ପରିଶେଷରେ ଏହି ଅଭିଳାଷକୁ ସେମାନେ ଚରିତାର୍ଥ କଲେ। ଫଳତଃ ଦାରୁ ହିଁ 'ଦାରୁ ଦେବତା' 'ଦାରୁବ୍ରହ୍ମ', 'ପୁରୁଷୋତ୍ତମ'। ଏହି ନାମରେ ସେ ବ୍ରାହ୍ମଣ୍ୟ ଧର୍ମର ପ୍ରତୀକ ରୂପେ ଉପାସିତ ହୋଇ ଆସୁଛନ୍ତି। ଅଧୁନା ନବକଳେବରରେ ବ୍ୟବହୃତ ହେଉଥିବା ନିମ୍ବଦାରୁ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। ତେବେ ମହା ଭାବଗୁପ୍ତ ଯଯାତିଙ୍କ ସମୟରୁ ବିଗ୍ରହମାନେ ନିମ୍ବ ଦାରୁରେ ନିର୍ମିତ ହେବା ଆରମ୍ଭ ହେଲା – ଏହି କଥା ମାଦଳା ପାଞ୍ଜିରେ ଉଲ୍ଲେଖ ହୋଇ ରହିଛି। ନିମ୍ବ ପୁରୁଷ ବୃକ୍ଷ, ଏହା ଶକ୍ତ କଠିନ ମଳୟ ସ୍ପର୍ଶରେ ଏହାର ଚନ୍ଦନରେ ରୂପାନ୍ତର ଘଟେ ପୁନଶ୍ଚ ନିମ୍ବର ଦ୍ରବ୍ୟଗୁଣ, କୀଟଦ୍ରଂଷ୍ଟ ନ ହେବା ଆଦି ବିଷୟକୁ ବିଚାରକୁ ନିଆଯାଇ ଶ୍ରୀଜୀଉଙ୍କ ମୂର୍ତ୍ତି ଏହି ଦାରୁରେ ଗଠନ କରାଯାଉଥିବା ଅନୁମାନ କରାଯାଏ।

ଦାରୁ ଦେବତାଙ୍କ ନବକଳେବର ଏକ ସ୍ୱତନ୍ତ୍ର ବିଧି। ଏହା କେବେଠାରୁ ଅନୁଷ୍ଠିତ ହୋଇ ଆସୁଛି, ତାହାର ମଧ୍ୟ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରିତ ହୋଇ ପାରିନି। ଏହାର ଐତିହାସିକ ସମୟକୁ ୯୫୦ ଖ୍ରୀ.ଅ. ଭାବେ ଗ୍ରହଣ କରାଯାଇପାରେ। ସୋମବଂଶୀ ରାଜା ଦ୍ୱିତୀୟ ଯଯାତି ଦଇତାପତିମାନଙ୍କ ସହାୟତାରେ ଦାରୁ ଛେଦନ କରି ପରମେଶ୍ୱରଙ୍କୁ ପ୍ରତିଷ୍ଠା କରିଥିଲେ। ଏ ପ୍ରସଙ୍ଗ ମାଦଳାପାଞ୍ଜିରେ ସୂଚିତ। ରକ୍ତବାହୁର ଶ୍ରୀମନ୍ଦିର ଆକ୍ରମଣ ଯୋଗୁଁ ଶ୍ରୀବିଗ୍ରହମାନେ ପାତାଳି ହୋଇଥିଲେ। ଦୀର୍ଘ ୧୪୬ ବର୍ଷ ପରେ ରାଜା ମହାପ୍ରଭୁଙ୍କ ନବକଳେବର କରାଇ ମନ୍ଦିରରେ ପୁନଃ ପୂଜାର୍ଚ୍ଚନା କରାଇଲେ। ଏଣୁ ଯଯାତି କେଶରୀଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଭାବେ ଗ୍ରହଣ କରାଯାଇଥାଏ। ପୁନଶ୍ଚ ବିଧର୍ମୀ କଳାପାହାଡ଼ ୧୫୬୮ ଖ୍ରୀ.ଅ.ରେ ଶ୍ରୀମନ୍ଦିରକୁ ଲୁଣ୍ଠନ କଲା, ଶ୍ରୀଜଗନ୍ନାଥଙ୍କୁ ହାତୀ ପଛରେ ଟାଣି ଟାଣି ନେଇ ଗଙ୍ଗାକୂଳରେ ପୋଡ଼ି ଦେଲା। ଭକ୍ତ ବିଶର ମହାନ୍ତି ଛଦ୍ମବେଶରେ ଯାଇ ଅର୍ଦ୍ଧଦଗ୍ଧ ବିଗ୍ରହ ମଧ୍ୟରୁ ବ୍ରହ୍ମଙ୍କୁ ଆଣି ମୃଦଙ୍ଗ ଭିତରେ ଲୁଚାଇ ରଖିଲେ, ଚାଲିଚାଲି କୁଜଙ୍ଗରେ ପହଞ୍ଚିଲେ। ସେ ବ୍ରହ୍ମଙ୍କୁ ଆଣି ଶ୍ରୀକ୍ଷେତ୍ରରେ ପହଞ୍ଚାନ୍ତେ ତଦାନୀନ୍ତନ ମହାରାଜା ରାମଚନ୍ଦ୍ର ଦେବ ଦାରୁ ଅଣାଇ ସୁମୂର୍ତ୍ତି ଗଠନ କଲେ, ତହିଁରେ ବ୍ରହ୍ମ ସ୍ଥାପନ କଲେ । ଶ୍ରୀଜୀଉମାନଙ୍କର ରତ୍ନବେଦୀରେ ପୂଜାର୍ଚ୍ଚନା କରାଇବା ସହ ଭକ୍ତ ବିଶର ମହାନ୍ତିଙ୍କୁ ପୌର ନାୟକ କଲେ। ଭୋଇ ବଂଶର ଏହି ରାଜା ରାମଚନ୍ଦ୍ର ଦେବଙ୍କ ଏତାଦୃଶ ଜଗନ୍ନାଥ ପ୍ରେମ, ଭକ୍ତିମତ୍ତା ହେତୁ ତାଙ୍କୁ କେହି କେହି 'ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ' ମଧ୍ୟ କହିଥାନ୍ତି। ଏମିତି ଥରେ ଦୁଇ ଥର ନୁହେଁ ବହୁବାର ଶ୍ରୀଜୀଉ ଶ୍ରୀକ୍ଷେତ୍ର, ରତ୍ନସିଂହାସନ ତ୍ୟାଗ କରିଛନ୍ତି। କେବେ ସୁନୁପୁର, ବାଣପୁର, ନୟାଗଡ଼ ତ କେବେ ଚିକିଟିରେ ଆଶ୍ରୟ ନେଇଛନ୍ତି ଯବନମାନଙ୍କ ଆକ୍ରମଣ ଯୋଗୁଁ। ତାଙ୍କୁ ଅନେକ ସମୟରେ ପାତାଳି ହେବାକୁ ପଡ଼ିଛି। ଏଣୁ ମୂର୍ତ୍ତିମାନେ ବିକୃତ ଆକାର ଧାରଣ କରିବାରୁ ନବକଳେବର କରାଯାଇ ବ୍ରହ୍ମସ୍ଥାପନ କରାଯାଇଛି।

ନବକଳେବର ବା ଘଟ ପରିବର୍ତ୍ତନ। ମନୁଷ୍ୟର ଜନ୍ମ ଜନ୍ମାନ୍ତର ଥିବା ପରି ଚତୁର୍ଦ୍ଧା ମୂର୍ତ୍ତିଙ୍କର ଗୋଟିଏ ପିଣ୍ଡ ଲୋପ୍ ହୋଇ ଆଉ ଏକ ପିଣ୍ଡରେ ଦର୍ଶନ ଦେବା ବିଧି ପ୍ରଚଳିତ। ଯୋଡ଼ା ଆଷାଢ଼ରେ ହିଁ ନବକଳେବର ଅନୁଷ୍ଠିତ ହୁଏ। ଏହାକୁ ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ବୋଲି ବିବେଚନା କରାଯାଇଥାଏ। ସେହି ଦିନଟି ଥିଲା ଆଷାଢ଼ର ଅଧିମାସ କୃଷ୍ଣ ଚତୁର୍ଦ୍ଦଶୀର ନିଶାର୍ଦ୍ଧ। ଶ୍ରୀକୃଷ୍ଣ ଶିଆଳିଲତାରେ ବିଶ୍ରାମ ନେଉଥିବା ସମୟରେ ତାଙ୍କ ରଙ୍ଗାଚରଣକୁ ମୃଗକର୍ଣ୍ଣ ଭାବି ଜାରା ଶରାଘାତ କରିଥିଲା ତାହା ତାଙ୍କର ଦେହତ୍ୟାଗର କାରଣ ହେଲା। ଏଣୁ ଯୋଡ଼ା ଆଷାଢ଼ରେ ନବକଳେବର ଅନୁଷ୍ଠିତ ହୁଏ। ଦୁଇଟି ସଂକ୍ରାନ୍ତି ମଧ୍ୟରେ ଦୁଇଟି ଅମାବାସ୍ୟା ପଡ଼ିଲେ ଏହାକୁ ମଳମାସ କୁହାଯାଏ। ଏହି ମାସଟି

ପୁରୁଷୋତ୍ତମ ମାସ ଭାବେ ଶାସ୍ତ୍ର ସିଦ୍ଧ। ଏହି ମଳମାସ ସାଧାରଣତଃ ୮ ବର୍ଷରୁ ୧୯ ବର୍ଷ ମଧ୍ୟରେ ପଡ଼ିଥାଏ। ଊନବିଂଶ, ବିଂଶ ଶତାବ୍ଦୀର ନବକଳେବର ୧୮୦୯, ୧୮୨୮, ୧୮୩୬, ୧୮୫୫, ୧୮୭୪, ୧୮୯୩, ୧୯୧୨, ୧୯୩୧, ୧୯୫୦, ୧୯୬୯, ୧୯୭୭, ୧୯୯୬ ମସିହାରେ ଅନୁଷ୍ଠିତ ହୋଇଥିଲା। ଏ ସନ (୨୦୧୫) ୧୯ ବର୍ଷ ପରେ ଶ୍ରୀଜଗନ୍ନାଥଙ୍କ ନବକଳେବର ବିଧାନ ପାଳିତ ହେଉଛି।

ନବକଳେବର ବିଧାନ ଦୁଇପ୍ରକାର । (୧)- ଶ୍ରୀଅଙ୍ଗ ଫିଟା, (୨)- ନୂତନ ବିଗ୍ରହ ନିର୍ମାଣ। ଶ୍ରୀଅଙ୍ଗ ଫିଟା ବିଧାନରେ ଦଇତା ବଂଶଜ ସ୍ୱାଇଁ ମହାପାତ୍ର, ଦାସ ମହାପାତ୍ର, ପତି ମହାପାତ୍ର ବଂଶୀୟ ସେବାୟତମାନେ ନିୟୋଜିତ ହୋଇଥାନ୍ତି। ଏ ବିଧିରେ ଦିଅଁ ମାନଙ୍କର ମରାମତି କାର୍ଯ୍ୟ ସମ୍ପନ୍ନ ହୁଏ। କିନ୍ତୁ ବ୍ରହ୍ମ ପରିବର୍ତ୍ତନ ହେଲେ ନୂତନ ମୂର୍ତ୍ତି ଗଠନ ଅନିବାର୍ଯ୍ୟ। ବ୍ୟୟ ବହୁଳତାକୁ ପୂରଣ କରି ନପାରି ଅତୀତରେ ମହାରାଣୀ ସୂର୍ଯ୍ୟମଣି ପାଟ ମହାଦେଈ ନବକଳେବର (୧୮୭୪)କୁ କେବଳ ଶ୍ରୀଅଙ୍ଗ ଫିଟାରେ ସୀମିତ ରଖିଥିଲେ। ଅନ୍ୟଥା ସମସ୍ତ ନବକଳେବରରେ ମୂର୍ତ୍ତି ନିର୍ମାଣ, ବ୍ରହ୍ମ ପରିବର୍ତ୍ତନ ବିଧି ପାଳିତ ହୋଇଛି।

ନବକଳେବର ବିଧାନର ପ୍ରଥମ ସୋପାନ 'ବନଯାଗ' ଚୈତ୍ର ଶୁକ୍ଳପକ୍ଷ ଦଶମୀ ତିଥିରେ ଶୁଭାରମ୍ଭ ହୋଇଥାଏ। ମୁଖ୍ୟତଃ ଦାରୁ ଅନ୍ୱେଷଣ, ଦାରୁ ସଂଗ୍ରହ ଦାରୁଗୁଡ଼ିକୁ ଶ୍ରୀମନ୍ଦିର ଆନୟନ କାର୍ଯ୍ୟ ଏହି ପର୍ଯ୍ୟାୟଭୁକ୍ତ। ଦାରୁ ସନ୍ଧାନ ପାଇଁ ଅତୀତରେ ୪୫ ଜଣ (୨୮ ଜଣ ଦଇତା, ଜଣେ ପତି ମହାପାତ୍ର, ୪ ଜଣ ପୁରୋହିତ, ୪ ଜଣ ବିଶ୍ୱକର୍ମା, ୫ ଜଣ ମନ୍ଦିର ପୋଲିସ, ସୁଦର୍ଶନ ଚକ୍ର ଧାରଣକାରୀ ଜଣେ ଲେଙ୍କା, ଜଣେ କାହାଳିଆ, ଜଣେ ଦେଉଳକରଣ)ଙ୍କୁ ନେଇ ଦଳଟିଏ ଗଠନ କରାଯାଉଥିଲା। ଏମାନଙ୍କ ମଧ୍ୟରୁ ଗଜପତି ରାଜା ଜଣଙ୍କୁ ବିଶ୍ୱାବସୁ ଶବର ନାମରେ ଅଗ୍ରଣୀ ରୂପେ ନିଯୁକ୍ତି ଦିଅନ୍ତି। ଏହି ଦଳ କାକଟପୁର ମଙ୍ଗଳାଙ୍କ ଦ୍ୱାରା ସ୍ୱପ୍ନାଦିଷ୍ଟ ହୋଇ ଚାରିଦଳରେ ବିଭକ୍ତ ହୋଇ ଯାଆନ୍ତି ଚାରିଦିଗକୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦାରୁ ଖୋଜିବାକୁ। କିନ୍ତୁ ସବୁ ନିମ୍ବ ବୃକ୍ଷ ଦାରୁଯୋଗ୍ୟ ନୁହେଁ। ଯେଉଁ ଦାରୁମୂଳରେ ବରୁଣ ବୃକ୍ଷ, ପାର୍ଶ୍ୱରେ ନଦୀ, ନିକଟରେ ଶ୍ମଶାନ ରହିଥିବ ସେହିପରି ବୃକ୍ଷରେ ଶଙ୍ଖଚକ୍ର ଗଦା ଚିହ୍ନ, ମୂଳରେ ହୁଙ୍କା, ଡାଳରେ ପକ୍ଷୀବସା ନଥିବ ବୃକ୍ଷ ମୂଳରେ ନାଗସାପ ରହିଥିବେ, ବୃକ୍ଷରେ କୌଣସି ଲତା ବା ମଲାଙ୍ଗ ନଥିବ, ବୃକ୍ଷରେ ଅନ୍ୟୂନ ୧୨ ଫୁଟ ଯାଏ କୌଣସି ଶାଖା ନଥିବ, କୌଣସି ଡାଳ ହଣା ହୋଇ ନଥିବ -ଏଥି ମଧ୍ୟରୁ ଅନ୍ତତଃ ୫ ଗୋଟି ଚିହ୍ନ ଥିଲେ ସେହି ନିମ୍ବବୃକ୍ଷ ଦାରୁ ଉପଯୁକ୍ତ ବିବେଚନା କରାଯାଏ। ଜଗନ୍ନାଥଙ୍କ ଦାରୁ ପାଟଳବର୍ଣ୍ଣ, ୪ ଶାଖା ଯୁକ୍ତ ଏହାର ଗଣ୍ଡି ଶଙ୍ଖ, ଚକ୍ର, ଗଦା, ପଦ୍ମ ସଙ୍କେତ ବିଶିଷ୍ଟ ହୋଇଥାଏ। ବଳଭଦ୍ରଙ୍କ ଦାରୁ ଶୁଭ୍ରବର୍ଣ୍ଣ, ୭ ଶାଖାଯୁକ୍ତ, ଗଣ୍ଡି ଗଣ୍ଠିଲଙ୍କ ଚିହ୍ନ ଯୁକ୍ତ, ସୁଭଦ୍ରାଙ୍କ ଦାରୁ ପୀତବର୍ଣ୍ଣ, ୫ ଶାଖାଯୁକ୍ତ ଗଣ୍ଡିରେ ପାଞ୍ଚ ପାଖୁଡ଼ା ବିଶିଷ୍ଟଏକ ପଦ୍ମଫୁଲ ଚିହ୍ନ ଥିବା ବିଧେୟ। ସୁଦର୍ଶନଙ୍କ ଦାରୁ ଈଷତ୍ ଲାଲବର୍ଣ୍ଣ, ୩ ଶାଖାଯୁକ୍ତ, ଗଣ୍ଡି ନାଭିଚକ୍ର ଚିହ୍ନ ଯୁକ୍ତ ହୋଇଥାଏ। ଏଭଳି ଦାରୁ ନିର୍ବାଚନ ହେବା ପରେ ସ୍ୱତନ୍ତ୍ର ବିଧିବିଧାନ, ପୂଜାର୍ଚ୍ଚନା ପରେ ବିଧି ମୁତାବକ ଦାରୁ ଛେଦନ କରାଯାଏ। ଦାରୁଙ୍କ ନିକଟରେ ଯଜ୍ଞବେଦୀଟିଏ ନିର୍ମାଣ କରାଯାଏ । ସେଠାରେ ଦଇତାମାନେ ଆଣିଥିବା ସୁଦର୍ଶନଙ୍କୁ ସ୍ଥାପନ କରନ୍ତି। ଯଜ୍ଞରେ ଏକହଜାର ଘୃତାହୂତି ଦିଆଯାଏ। ଏହାକୁ 'ବନଯାଗ' କୁହାଯାଏ। ବନଯାଗ ସମାପନ ପରେ ଦାରୁ କାଟିବା ଆରମ୍ଭ ହୁଏ। ପ୍ରଥମେ ବିଦ୍ୟାପତି ସ୍ୱର୍ଣ୍ଣ କୁଠାରରେ ତାଙ୍କ ପରେ ବିଶ୍ୱାବସୁ ରୌପ୍ୟ କୁଠାରରେ ଚୋଟ ମାରନ୍ତି। ପରେ ପରେ ବିଶ୍ୱକର୍ମାମାନେ ଲୌହ କୁଠାରରେ ଦାରୁ କାଟନ୍ତି। ତତ୍ପରେ ଦାରୁମାନଙ୍କୁ ସ୍ୱତନ୍ତ୍ର ଶଗଡ଼ିରେ ଶ୍ରୀମନ୍ଦିର ଅଣାଯାଏ। ଦାରୁ ଆଣିବା ପାଇଁ ଉଦ୍ଦିଷ୍ଟ ଶଗଡ଼, ଏହାର ଚକ, ଦାରୁ ନିକଟରେ ଥିବା ବରଗଛ କାଠରେ ତିଆରି କରାଯାଏ କେନ୍ଦୁକାଠର ଅଖ ଏଥିରେ ଲଗାଯାଏ। ପ୍ରତି ଶଗଡ଼ରେ ୪ ଚକ, ୨ଟି ଅଖଥାଏ। ଦାରୁମାନେ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ ଉତ୍ତର ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରନ୍ତି। ସେଠାରେ ଚାରୋଟି ଗୃହ ନିର୍ମାଣ କରି ଦାରୁମାନଙ୍କୁ ରଖାଯାଏ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ। ଏହିଦିନ ଶ୍ରୀଜୀଉମାନଙ୍କ ସ୍ନାନବିଧି ପାଳନ ସହ ଦାରୁମାନଙ୍କୁ ସ୍ନାନ କରାଯାଇ ନୂତନ ମୂର୍ତ୍ତି ଗଠନ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଗୃହକୁ ନିଆଯାଏ। କୋଇଲି ବୈକୁଣ୍ଠର ଦକ୍ଷିଣ ପୂର୍ବ କୋଣରେ ନିର୍ମିତ ମଣ୍ଡପରେ ଅଙ୍କୁରାରୋପଣ ଯଜ୍ଞ କରାଯାଇ ମୂର୍ତ୍ତି ଗଠନର ଶୁଭାରମ୍ଭ ହୁଏ। ବିଶ୍ୱକର୍ମାମାନେ ୧୫ ଦିନ ଗୋଟିଏ ଗୃହରେ ରହି ନିଷ୍ଠାର ସହ ମୂର୍ତ୍ତି ଗଠନ କରନ୍ତି। ଏହି ସମୟରେ ଶ୍ରୀଜୀଉମାନଙ୍କ ଅନବସର ବା ମହା ଅଣସର ବାସ ହୋଇଥାଏ। ନବକଳେବର ବିଧି ପାଳନ ହେଉଥିବାରୁ ଏହାର ଅବଧି ୧୫ ଦିନ ପରିବର୍ତ୍ତେ ୪୫ ଦିନ ହୋଇଥାଏ।

ମୂର୍ତ୍ତି ନିର୍ମାଣ ପରେ ଆଷାଢ଼ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ପୂର୍ବ ଦିନ ଭଳି ଧ୍ୱଜା, ତୋରଣ, ବେଦ, ଦଶଅସ୍ତ୍ର, ଅଷ୍ଟରୁଦ୍ର, ଅଷ୍ଟକ୍ଷେତ୍ର ପାଳ, ଅଷ୍ଟନାରୀ, ଅଷ୍ଟନାଗପତ୍ନୀ, ଅଷ୍ଟଯୋଗିନୀ,

ନବଦୁର୍ଗା, ତ୍ର୍ୟମ୍ବକ ଇନ୍ଦ୍ରାଦି ଦଶଦିଗପାଳଙ୍କ ପୂଜାବିଧି ଅନୁଷ୍ଠିତ ହୁଏ। ଆସେ ପ୍ରତିକ୍ଷିତ ଦିନଟି ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ, ଏ ଦିନ ନିଶାର୍ଦ୍ଧରେ ଅତ୍ୟନ୍ତ ଗୋପନୀୟ ଭାବେ ମହାପ୍ରଭୁଙ୍କ ଘଟ ପରବର୍ତ୍ତନ କାର୍ଯ୍ୟ ହୁଏ। ଏହାକୁ 'ବ୍ରହ୍ମ' ପରିବର୍ତ୍ତନ ବିଧି କୁହାଯାଏ। ଶୁଭବେଳା ଅନୁଯାୟୀ ନୂତନ ବିଗ୍ରହ, ପୁରାତନ ବିଗ୍ରହଙ୍କୁ ଏକ ଧାଡ଼ିରେ ରଖାଯାଏ। ତିନିଜଣ ଦଇତାଙ୍କ ହାତ, ଚକ୍ଷୁ ପାଟବସ୍ତ୍ରରେ ଆବୃତ ହୋଇଥାଏ। ସମ୍ପୂର୍ଣ୍ଣ ଅନ୍ଧକାର ମଧ୍ୟରେ ଦର୍ଶନ, ସ୍ପର୍ଶନ ବିନା ପୁରାତନ ବିଗ୍ରହରୁ ବ୍ରହ୍ମ ପଦାର୍ଥକୁ ବାହାର କରାଯାଇ ଯଥାବିଧି ସ୍ନାନ, ଷୋଡ଼ଶ ଉପଚାରରେ ପୂଜା ସମାପନ ପରେ, ବ୍ରହ୍ମଦେହରେ ଯୁଇଫୁଲ, କସ୍ତୁରୀ, ଚନ୍ଦନ, ତୁଳସୀ ଆଦି ଦେଇ ପତି ମହାପାତ୍ର ଏହାକୁ ନୂତନ ବିଗ୍ରହ ମଧ୍ୟରେ ସ୍ଥାପନ କରନ୍ତି। ତା'ପରେ କୋଇଲି ବୈକୁଣ୍ଠରେ କୋଠ ସୁଆଁସିଆଙ୍କ ଦ୍ୱାରା ଖୋଳାଯାଇଥିବା ଗର୍ତ୍ତ (୯ ହାତ ଗଭୀର, ୬ ହାତ ଦୈର୍ଘ୍ୟ ପ୍ରସ୍ଥ ବିଶିଷ୍ଟ) ମଧ୍ୟରେ ରକ୍ତବସ୍ତ୍ର ଆଚ୍ଛାଦିତ ଶଯ୍ୟାରେ ପୁରାତନ ବିଗ୍ରହମାନଙ୍କୁ ଶୁଆଇ ଦିଆଯାଏ। ଏଥିରେ କର୍ପୂର, ଚନ୍ଦନ ଆଦି ଦ୍ରବ୍ୟ ରଖି, ପାଟବସ୍ତ୍ର ଘୋଡ଼ାଇ ମାଟି ପୂର୍ଣ୍ଣ କରାଯାଏ। ଏହା ପୁରାତନ ବିଗ୍ରହମାନଙ୍କର 'ଗୋଲକବିଶ୍ରାମ'। ତତ୍‌ପରେ ସାରଥି, ଘୋଡ଼ା, ପାର୍ଶ୍ୱଦେବତା, ଶୁଆ, ଦ୍ୱାରପାଳ, ଧ୍ୱଜାଦଣ୍ଡ, ମହାପ୍ରଭୁଙ୍କ ଖଟ ଶେଯ ଆଦିକୁ ପୋତି ଦିଆଯାଏ। ଗୋଲକ ବିଶ୍ରାମକୁ ଶ୍ରୀକୃଷ୍ଣଙ୍କ ଶିଆଳି ଲତାତଳେ ଅନ୍ତିମ ବିଶ୍ରାମ ସହ ସମନ୍ୱିତ କରାଯାଇଛି ଧର୍ମଶାସ୍ତ୍ରରେ। ଏ ସମସ୍ତ କର୍ମ ପରେ ଦଇତାମାନେ ବିଧିପୂର୍ବକ ହବିଷ୍ୟ କରି ଶୁଦ୍ଧକ୍ରିୟା ପାଳନ କରନ୍ତି। ବ୍ରହ୍ମସ୍ଥାପନ ପରେ ନୂତନ ବିଗ୍ରହଙ୍କ ସପ୍ତାଭରଣ କର୍ମ, ଖଳିପ୍ରସାଦ, ଖଡ଼ିପ୍ରସାଦ, ଶ୍ୱେତ ଅଙ୍ଗରାଗ, ବନକଲାଗି, ପୂର୍ଣ୍ଣ ଶ୍ରୀଅଙ୍ଗଲାଗି ହୁଏ। ଆଷାଢ଼ ଅମାବାସ୍ୟାରେ ନେତ୍ରୋତ୍ସବ, ତା' ପରଦିନ ନବଯୌବନ ଦର୍ଶନ, ଶୁକ୍ଳ ଦ୍ୱିତୀୟାରେ ଶ୍ରୀଗୁଣ୍ଡିଚା ବା ନବଦିନାତ୍ମକ ଯାତ୍ରା ଅନୁଷ୍ଠିତ ହୁଏ। ଉପଯୁକ୍ତ ବିଧିବିଧାନ ପୂର୍ବକ ଦାରୁବ୍ରହ୍ମଙ୍କ ନବକଳେବର ବିଧିର ପରିସମାପ୍ତି ଘଟେ। ବିଶ୍ୱବାସୀ ସନ୍ଦର୍ଶନ କରନ୍ତି ଦାରୁବିଗ୍ରହଙ୍କୁ ନବକଳେବରରେ।

ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ସ୍ଥାପିତ ବ୍ରହ୍ମଙ୍କୁ କେତେକ ବୁଦ୍ଧଦେବଙ୍କ ଦାନ୍ତ ବୋଲି ବିଶ୍ୱାସ କରନ୍ତି। ମାତ୍ର ଦିଅଁଙ୍କ ବ୍ରହ୍ମ ଏକ ଅସ୍ଥି– ଏହା ବୈଷ୍ଣବ ଧର୍ମର କଦାପି ଗ୍ରହଣ ଯୋଗ୍ୟ ନୁହେଁ। ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ପରେ ତାଙ୍କ ଅର୍ଦ୍ଧଦଗ୍ଧ ନାଭିକମଳକୁ ପାଣ୍ଡବମାନେ ସମୁଦ୍ରରେ ଭସାଇ ଦେଇଥିଲେ ଏହା 'ଇନ୍ଦ୍ର ନୀଳମଣି' ଭାବେ ଖ୍ୟାତ। ଶ୍ରୀଜଗନ୍ନାଥଙ୍କ ବିଗ୍ରହ ମଧ୍ୟରେ ତାହା ବ୍ରହ୍ମରୂପେ ସ୍ଥାପିତ– ଏହି କଥା ବାମଦେବ କୃତ ଇନ୍ଦ୍ରନୀଳମଣି ପୁରାଣରେ ବର୍ଣ୍ଣିତ। ଆଚାର୍ଯ୍ୟ ଶଙ୍କର ମହାମାହେଶ୍ୱର ବଳଭଦ୍ର, ମହାମାହେଶ୍ୱରୀ ସୁଭଦ୍ରା ଦେବୀଙ୍କୁ ରତ୍ନ ସିଂହାସନରେ ପ୍ରତିଷ୍ଠା କରାଇଥିଲେ। ଏ ଦୁଇ ମୂର୍ତ୍ତିର ଅନ୍ତର୍ଦ୍ଦେଶରେ ନେପାଳ ରାଜା ଗଣ୍ଡକୀ ନଦୀରୁ ପ୍ରାପ୍ତ ଜୀବନ୍ତ ଶାଳଗ୍ରାମକୁ ସେ ସ୍ଥାପନ କରିଥିଲେ। କେହି କେହି ବ୍ରହ୍ମଜାତୀୟ ହୀରା ଶ୍ରୀଜୀଉଙ୍କ ମଧ୍ୟରେ ସ୍ଥାପିତ ବୋଲି ମତବ୍ୟକ୍ତ କରିଥାନ୍ତି। ମାତ୍ର ବ୍ରହ୍ମ କ'ଣ ତାହା ସଠିକ୍ ଭାବେ ନିର୍ଦ୍ଧାରଣ କରିବା ଏଯାବତ୍ ସମ୍ଭବ ହୋଇ ପାରିନି। ବ୍ରହ୍ମ ନିତ୍ୟ, ସର୍ବଗତଃ, ଅଚଳ, ସନାତନ ପଦାର୍ଥ ଯାହା ଅଚ୍ଛେଦ୍ୟ, ଅଦାହ୍ୟ, ଅକ୍ଳେଦ୍ୟ, ଅଶୋଷ୍ୟ ଅଟେ। ସେଇ ଦାରୁ ବ୍ରହ୍ମଙ୍କୁ ଆକଳନ କରିବା କ୍ଷୁଦ୍ର ମାନବ ପକ୍ଷେ ଅସମ୍ଭବ। ସବୁ ସେଇ ଇଚ୍ଛାମୟଙ୍କ ଇଚ୍ଛା। ଲୀଳାମୟ ଦାରୁବ୍ରହ୍ମଙ୍କୁ ନବକଳେବରରେ ଦେଖୁଛି ସାରା ଜଗତ। ଭକ୍ତ ଜନ ମନ–ଚାତକ–ତୃଷ୍ଣା ମେଣ୍ଟିଯାଉଛି ।

ସା/ପୋ– ପୁରୁଷୋତ୍ତମପୁର
ଭାୟା– କରିଲୋପାଟଣା
କେନ୍ଦ୍ରାପଡ଼ା–୭୫୪୨୨୩